# ମୃଗୁଣୀ ସ୍ତୁତି

କବି ରଘୁନାଥ ଦାସ

ବ୍ୟାଧ ଯେ ବ୍ୟାଧ  ।ବ୍ୟାଧ ପଡିଛି ତା ଜାଲ
ସେ କରେ ତ ମାଂସ ବେଉସା, ବିକେ ହରିଣର ଛାଲ ।

ମୃଗୁଣୀର ସଦ୍ୟ ମାଂସେ ପ୍ରଲୁବ୍ଧ ଲୁବ୍ଧକ
କରିଛି ସେ ହତ୍ୟା ଲାଗି ଯୋଜନା ବ୍ୟାପକ
ଉତ୍ତରରେ ଜଗାଇଛି ମାରତ୍ମକ ଶ୍ୱାନ,
ଦକ୍ଷିଣେ ଜଳୁଛି ବହ୍ନି ଜିହ୍ବା ଲେଲିହାନ;
ନିରନ୍ଧ୍ର ଛନ୍ଦିଛି ଜାଲ ସମଗ୍ର ପଶ୍ଚାତେ,
ସମ୍ମୁଖେ ଜାଗ୍ରତ ବ୍ୟାଧ ଧନୁର୍ବାଣ ହାତେ;
ଲକ୍ଷ୍ୟଭେଦୀ ତୀକ୍ଷ୍ଣ ତୀରେ ଭରା ତାର ତୂଣୀ,
ଶାବକ ସଙ୍ଗତେ ମୁହିଁ ଗର୍ଭବତୀ ପୁଣି;
ଗତି ମୋର ନାହିଁ ଆନ, ପଶିଲି ଶରଣ
ହରିଣୀରେ ରଖ ରଖ ଆହେ ଆର୍ତ୍ତତ୍ରାଣ ।

ସେ ଡାକ ଶୁଣିଲେ ପ୍ରଭୁ ଗୋଲକବିହାରୀ;
ରଖ ରଖ ହରିଣୀକୁ କହନ୍ତି ହକାରି,
ଚଉମେଘ ଘୋଟିଯାଏ ଇନ୍ଦ୍ରଙ୍କ ଆଜ୍ଞାରେ

www.jatayu.org

# ମୃଗୁଣୀ ସ୍ତୁତି

କବି ରଘୁନାଥ ଦାସ

ବରଷିଲା କଳା ମେଘ ମୁଷଳ ଧାରାରେ
ଶ୍ବାନ ମଲା ବଜ୍ରାଘାତେ, ବହ୍ନି ଯେ ଲିଭିଲା,
ଜାଲମାନ ଛିନ୍ନଭିନ୍ନ ବତାସେ ଛିଡ଼ିଲା;
ବ୍ୟାଧିକୁ ଖାଇଲା ସର୍ପ, ହରିଣୀ ଉଲ୍ଲାସେ
ପ୍ରଭୁଙ୍କୁ ସ୍ମରଣ କରେ ପରମ ସନ୍ତୋଷେ ।

ତୁହି ତ ସେ ହରିଣୀ ଜନତା
ବାକ୍ୟେ ଯା'ର ନ ସ୍ଫୁରଇ ହୃଦୟର ବ୍ୟଥା ।
ତୋତେ ତ ଛକିଛି ବ୍ୟାଧି ଦିଗ ଦିଗ ଘେରି,
ତୋର ରକ୍ତ ମାଂସ ହାଡେ ତ'ର ସୌଦାଗରୀ
ଶୁଣରେ ନିରନ୍ନ!
ଅସହାୟ ଜନତାର ନାହିଁ ଗତି ଅନ୍ୟ;
ପ୍ରାଣ ଭରି ଡାକେ ଥରେ ପ୍ରଭୁଙ୍କୁ ତୋହରି,
ତୋ ପ୍ରଭୁ ଶୁଣିବେ ନିଶ୍ଚେ ଆର୍ତ୍ତର ଗୁହାରି ।

ତୋ ପ୍ରଭୁ ନାହାନ୍ତି ଜାଣ ଆକାଶ ସେପଟେ,
ସେ ଅଛନ୍ତି ପାଖେ ପାଖେ ଅତ୍ୟନ୍ତ ନିକଟେ

www.jatayu.org

# ମୃଗୁଣୀ ସ୍ତୁତି

କବି ରଘୁନାଥ ଦାସ

ଖୋଲି ଦେ' ରେ ଖୋଲି ଦେ'ରେ,

ତୋ ରୁଦ୍ଧ କବାଟ,

ଦୀର୍ଘଶ୍ବାସ, ହା' ହୁତାଶ ତପ୍ତ ଅସନ୍ତୋଷ,

ବ୍ୟର୍ଥ ଯେତେ ଅଶ୍ରୁଧାରା, ପୁଞ୍ଜିଭୂତ ରୋଷ

ଛୁଟିଯାଉ ଘୂର୍ଣ୍ଣିବାତ୍ୟା ପ୍ରଳୟ ଘଟାଇ

ଅନିବାର୍ଯ୍ୟ ପଥେ ତା'ର-

ସେ ତୋଫାନ ଉଠିବନି ବଙ୍ଗୋପସାଗରୁ

ସେ ଝଟିକା ଆସିବନି ହିମାଳୟପାରୁ,

(ଅବା ରୁଷିଆରୁ) ।

ଜାଗ ହରିଣୀ-ଜନତା ଜାଗ-

ଅନ୍ତର ଆସ୍ଥାନ ଟଳେ;

ଆତ୍ମାର ନିର୍ଦ୍ଦେଶ ମାଗ;

ଜାଗ ତୁ ଜନତା ଜାଗ ।

www.jataayu.org